# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 June – 2025

*********************************

## ମୁଖ୍ୟ ସମ୍ବାଦ

- ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ବୃହତ ସ୍ୱପ୍ନକୁ ସାକାର କରିବା ପାଇଁ ଆମର ଉଚ୍ଚ ସାମର୍ଥ୍ୟ ରହିଛି; କହିଲେ ପ୍ରଧାନମନ୍ତ୍ରୀ

– ବିଶ୍ୱର ସର୍ବୋଚ୍ଚ ରେଳତୋରଣ 'ଚେନାବ ସେତୁ'ର କଲେ ଉଦ୍‌ଘାଟନ

- ବିଭିନ୍ନ ବିଭାଗରେ ୧ ହଜାର ୨୪୮ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

- ଆସନ୍ତା ଅଗଷ୍ଟ ୩ ତାରିଖରେ ଅନୁଷ୍ଠିତ ହେବ ନିଟ୍ ପିଜି ପରୀକ୍ଷା-୨୦୨୫

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ରୁକ୍ମିଣୀ ହରଣ ନୀତି; ୫ ଘଣ୍ଟା ପାଇଁ ବନ୍ଦ ରହିଛି ସର୍ବସାଧାରଣ ଦର୍ଶନ

*Desk*

# ପ୍ରଧାନମନ୍ତ୍ରୀ- ଚେନାବ ସେତୁ ଉଦ୍‌ଘାଟନ

ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ବୃହତ ସ୍ୱପ୍ନକୁ ପୂରଣ କରିବାରେ ଆମର ଉଚ୍ଚ ସାମର୍ଥ୍ୟ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଜାମ୍ମୁ-କାଶ୍ମୀରର ରାମବନ ଜିଲ୍ଲାରେ ବିଶ୍ୱର ସର୍ବୋଚ୍ଚ ରେଳତୋରଣ ସେତୁ 'ଚେନାବ' ସେତୁର ଉଦ୍‌ଘାଟନ କରି କହିଛନ୍ତି, କେନ୍ଦ୍ର ସରକାର ଲୋକଙ୍କ କଲ୍ୟାଣ ପାଇଁ ସର୍ବଦା ତତ୍ପରତା ସହ କାର୍ଯ୍ୟ କରୁଛନ୍ତି। ବିଗତ ୧୧ ବର୍ଷ ମଧ୍ୟରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳୁ ବାହାରି  ମଧ୍ୟମ ବର୍ଗରେ ସାମିଲ ହୋଇଛନ୍ତି। ସେହିଭଳି ଉଜ୍ଜ୍ୱଳା ଯୋଜନାରେ ୧୦ କୋଟି ଗ୍ୟାସ ସଂଯୋଗ କରାଯାଇଛି। ଆୟୁଷ୍ମାନ ଭାରତ ଯୋଜନାରେ ୫୦ ଲକ୍ଷ ଲୋକଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ଆଜି ଜମ୍ମୁ-କଶ୍ମୀର ଗସ୍ତ ଅବସରରେ ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ପ୍ରକଳ୍ପକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ପ୍ରାୟ ୪୪ ହଜାର କୋଟି ଟଙ୍କା ବ୍ୟୟରେ ୨୭୨ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପ ନିର୍ମିତ ହୋଇଛି । ଚେନାବ ସେତୁ ଏବଂ ପ୍ରଥମ କେବୁଲ ମାଧ୍ୟମରେ ସଂଯୁକ୍ତ ଅଞ୍ଜି ରେଳ ସେତୁ ଏହାର ଅଂଶବିଶେଷ।

***BBSR/R***

# ନିଯୁକ୍ତିପତ୍ର

ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ତଥା ସ୍ୱଚ୍ଛତା ଆଣିବା ପାଇଁ ଗତ ୧ ବର୍ଷରେ ରାଜ୍ୟ ସରକାର ୨୭ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ୭ଟି ବିଭାଗ ପାଇଁ ୧ ହଜାର ୨୪୮ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି ଶ୍ରୀ ମାଝୀ କହିଛନ୍ତି, ଆସନ୍ତା ୫ ବର୍ଷରେ ୧ ଲକ୍ଷ ୫୦ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସରକାରୀ ଏବଂ ବେସରକାରୀ ଚାକିରି କ୍ଷେତ୍ରରେ ନିଯୁକ୍ତିରେ ସ୍ୱଚ୍ଛତାକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଚାରୋଟି ପର୍ଯ୍ୟାୟରେ ୧ ଲକ୍ଷ ୫୦ ହଜାର କୋଟି ପୁଞ୍ଜିନିବେଶ ଫଳରେ ୯୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ମାଝୀ 'ଏକ ପେଡ଼ ମା' କେ ନାମ' ଅଭିଯାନରେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ନବନିଯୁକ୍ତଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

*Desk*

## କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ ବୈଠକ ଆଜି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ କ୍ୟାବିନେଟ୍ ବୈଠକ ବସିବ। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

*HS*

## ବର୍ଷାଜଳ ନିଷ୍କାସନ

ଭୁବନେଶ୍ୱରସ୍ଥିତ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ବର୍ଷା ଜଳ ନିଷ୍କାସନର ସ୍ଥାୟୀ ସମାଧାନ କରାଯାଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ବର୍ଷା ପୂର୍ବରୁ ଡ୍ରେନ୍‌ରେ ଦେଖା ଦେଇଥିବା ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୁକୁଳା ଡ୍ରେନ୍‌ରେ ସ୍ଲାବ ପକାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଡ୍ରେନ୍ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

*Desk*

## ରେପୋରେଟ୍ ହ୍ରାସ

ଭାରତୀୟ ରିଜର୍ଭ ବ୍ୟାଙ୍କ ଆର୍.ବି.ଆଇ ରେପୋ ରେଟ୍ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଆର୍.ବି.ଆଇ.ର ମନିଟାରୀ ପଲିସି

ବୈଠକରେ ରେପୋ ରେଟ୍ ଶୂନ ଦଶମିକ ୫ ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି । ଫଳରେ ରେପୋରେଟ୍ ୬ ପ୍ରତିଶତ ହ୍ରାସ ପାଇ ୫ ଦଶମିକ ୫ ପ୍ରତିଶତରେ ପହଁଞ୍ଚିଛି ।

***Desk***

## ନିଟ୍ ପିଜି

ନିଟ୍ ପିଜି ପରୀକ୍ଷା–୨୦୨୫ ଆସନ୍ତା ଅଗଷ୍ଟ ମାସ ୩ ତାରିଖରେ ହେବା ନେଇ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ପୂର୍ବରୁ ଏହି ପରୀକ୍ଷା ଜୁନ୍ ୧୫ ତାରିଖରେ ଅନୁଷ୍ଠିତ ହେବାର ଥିଲା । ତେବେ ଅଗଷ୍ଟ ୩ ତାରିଖରେ ଗୋଟିଏ ସିପ୍ଟରେ ନିଟ୍ ପିଜି ପରୀକ୍ଷା ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

***Desk***

## ଜନଶୁଣାଣି

ଚଳିତମାସ ୯ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଆଜି ଗୋଟାଏରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି । ଆଗ୍ରହୀ ଜନସାଧାରଣ **janasunani.odisha.gov.in** ପୋର୍ଟାଲ ଜରିଆରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଅଣପଞ୍ଜୀକୃତ ଆବେଦନକାରୀଙ୍କ ଅଭିଯୋଗପତ୍ର ଗୁଡ଼ିକ ମଧ୍ୟ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

*HS*

## କରୋନା ଆକ୍ରାନ୍ତ

ରାଜ୍ୟରେ ପୁଣି ୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬ ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୯ ଜଣ ଅଛନ୍ତି । ଅନ୍ୟପକ୍ଷରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫ ହଜାର ୩୬୪ରେ ପହଁଞ୍ଚିଛି । ଗତ ୨୪ ଘଣ୍ଟା ମଧ୍ୟରେ ୪ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ବିଭିନ୍ନ ରାଜ୍ୟରେ ୪ ହଜାର ୭୨୪ ଜଣ ରୋଗୀ ସୁସ୍ଥ ହୋଇଥିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

*Desk*

## ଗରିବ କଲ୍ୟାଣ ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗରିବ ଲୋକଙ୍କୁ ଆର୍ଥିକ ସହାୟତା ତଥା ମୌଳିକ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆରମ୍ଭ କରାଯାଇଥିଲା । ଗତ ୧୧ ବର୍ଷ ମଧ୍ୟରେ ପ୍ରତିଟି ସରକାରୀ ପଦକ୍ଷେପରେ ଲୋକଙ୍କ ଲାଗି ସେବା, ସୁଶାସନ ଓ କଲ୍ୟାଣ ଏଥିରେ ଅନ୍ତର୍ନିହିତ ରହିଛି । ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ....

**- V/O -**

# ଗରିବ କଲ୍ୟାଣ ଯୋଜନା-୨

ସମଗ୍ର ଦେଶ ଏକ ରୂପାନ୍ତରିତ ଓ ସମଷ୍ଟିଗତ ସରକାରର ସୁଶାସନରେ ରହି ଅଗ୍ରଗତି କରୁଛି। ଗରିବ କଲ୍ୟାଣ ଯୋଜନାରେ ଏପର୍ଯ୍ୟନ୍ତ ୮୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାଗଣାରେ ଖାଦ୍ୟାନ୍ନ ପ୍ରଦାନ କରାଯାଇଛି । ସେହିଭଳି ପିଏମ୍ ଆବାସ ଯୋଜନାରେ ୪ କୋଟିରୁ ଉର୍ଦ୍ଧ୍ୱ ପକ୍କାଘର ନିର୍ମାଣ କରାଯାଇଛି । ସଶକ୍ତୀକରଣ, ଭିତ୍ତିଭୂମିର ବିକାଶ, ସମଷ୍ଟିଗତ ଭାବଧାରାରେ ବିଶ୍ୱାସ ରଖୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ପ୍ରାୟ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ଉର୍ଦ୍ଧ୍ୱକୁ ଅଣାଯାଇ ସ୍ୱଚ୍ଛଳ ବର୍ଗରେ ସାମିଲ କରାଯାଇଛି। ଏହା ସାମୂହିକ ଓ ଆତ୍ମନିର୍ଭର ଭାରତ ଗଠନ ଦିଗରେ ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ଦେଉଛି। ଲୋକଙ୍କୁ ସ୍ୱାଭିମାନର ସହ ବଞ୍ଚିବାର ଅଧିକାର ଦେବା ପାଇଁ ୧୨କୋଟିରୁ ଅଧିକ ଶୌଚାଳୟ ନିର୍ମାଣ କରାଯାଇଥିବା ବେଳେ ଉଜ୍ଜ୍ୱଳା ଯୋଜନା ଅଧୀନରେ ୧୦ କୋଟିରୁ ଅଧିକ ଗ୍ୟାସ୍ ସଂଯୋଗ କରାଯାଇଛି । ସମ୍ବଲପୁରରେ କାର୍ଯ୍ୟକାରୀ ହେଉଥିବା ଗରିବ କଲ୍ୟାଣ ଯୋଜନା ହିତାଧିକାରୀଙ୍କ ପାଖରେ କିଭଳି ଭାବେ ପହଞ୍ଚି ପାରୁଛି, ଏ ସଂପର୍କରେ ଅଧିକ ସୂଚନା ଦେଉଛନ୍ତି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର :

**V/O**

*DHNKL*

## ଆମ୍ବ ରପ୍ତାନୀ

ଢେଙ୍କାନାଳ ସଦର ବ୍ଲକରୁ ମହିଳା ଚାଷୀମାନେ ୨୫ କୁଇଣ୍ଟାଲ ଆମ୍ରପଲ୍ଲୀ ଆମ୍ବ ଇଟାଲୀକୁ ରପ୍ତାନୀ କରିଛନ୍ତି।  ତିନୋଟି ପଞ୍ଚାୟତର ୧୩ଟିରୁ ଗ୍ରାମରୁ ଏହି ଆମ୍ବକୁ ସଂଗ୍ରହ କରାଯାଇଛି। ମହିଳା କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ୨୫ କୁଇଣ୍ଟାଲ ଆମ୍ବ ପ୍ୟାକିଂ କରାଯାଇ କଲିକତା ଅନ୍ତର୍ଜାତିକ କାର୍ଗୋ ଟର୍ମିନାଲରୁ ଇଟାଲୀକୁ ରପ୍ତାନୀ କରାଯାଇଛି।

*BHK*

## ଖାଦ୍ୟ ମେଳା

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଚାନ୍ଦବାଲି, ବନ୍ତ, ଭଣ୍ଡାରୀପୋଖରୀ ବ୍ଲକ ମିଶନ ଶକ୍ତି କକ୍ଷରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପାରମ୍ପରିକ ପିଠା ସମେତ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ବିଭାଗୀୟ ଅଧିକାରୀମାନେ ଖାଦ୍ୟର ମାନ ପରୀକ୍ଷା ନିର୍ଦ୍ଧାରଣ କରିବା ପରେ ଶ୍ରେଷ୍ଠ ସ୍ୱୟଂସହାୟକ ଗୋଷ୍ଠୀକୁ ପୁରସ୍କୃତ କରିଥିଲେ।

*HS*

## ରୁକ୍ମିଣୀ ହରଣ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ନୀତି ଅନୁଷ୍ଠିତ ହେବ । ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ପରମ୍ପରା ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ । ବିମଳା ମନ୍ଦିର ନିକଟକୁ ମଦନମୋହନ ଆସିବା ପୂର୍ବରୁ ସେଠାରେ ମା' ଲକ୍ଷ୍ମୀ ପହଁଞ୍ଚିବେ । ପରେ ମାଡ଼ଣା କରାଯାଇ ରୁକ୍ମିଣୀ ହରଣ ନୀତି ଅନୁଷ୍ଠିତ ହେବ । ପ୍ରଥମ ଭୋଗ ମଣ୍ଡପ ଶେଷ ହେବାପରେ ଅପରାହ୍ନ ଗୋଟାଏରୁ ସନ୍ଧ୍ୟା ୬ଟା ଯାଏଁ ସାଧାରଣ ଦର୍ଶନ ବନ୍ଦ ରଖାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ମହାପ୍ରଭୁଙ୍କର ସନ୍ଧ୍ୟା ଧୂପ ପରେ ଏହି ନୀତି କରାଯିବ ।

*Kandhamal*

## ଠାକୁରାଣୀ ଯାତ୍ରା

କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ଠାକୁରାଣୀ ଯାତ୍ରା ଶେଷ ହୋଇଛି । ଶେଷଦିନରେ ସନ୍ଧ୍ୟା ଆଳତୀ ପରେ ମା' ପାଟଖଣ୍ଡା ନଗର ପରିକ୍ରମା କରିଥିଲେ । ପ୍ରତିଦିନ ସକାଳ ଧୂପ ଦ୍ୱାରଫିଟା ପରେ ଅନ୍ୟାନ୍ୟ ନୀତି ସହ ପୂଜାର୍ଚ୍ଚନା କରାଯାଇଥିଲା ।

*MET*

## ପାଣିପାଗ

ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା

ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*********************************